# ହାଇସ୍କୁଲ ସାର୍ଟିଫିକେଟ୍‌ରେ ଅକୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀମାନଙ୍କର ଅବଗତି ନିମନ୍ତେ

ଦଶମଶ୍ରେଣୀରେ ଅକୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀମାନଙ୍କର ଜ୍ଞାନ ଓ କୌଶଳ ସମୃଦ୍ଧି ପାଇଁ **ଏକ ବର୍ଷିୟା ପାଠ୍ୟକ୍ରମ** ସେଣ୍ଟ୍ରାଲ ଟୁଲ୍‌ରୁମ୍ ଓ ଟ୍ରେନିଙ୍ଗ୍ ସେଣ୍ଟର ଦ୍ୱାରା ଆରମ୍ଭ କରାଯାଇଛି । ଅଳ୍ପ ବୟସର ଯୁବକମାନଙ୍କୁ **ଲେଦ୍, ମିଲିଙ୍ଗ୍, ଗ୍ରାଇଡିଙ୍ଗ୍, ଇନ୍‌ଜେକ୍‌ସନ୍ ମୋଲଡିଙ୍ଗ୍, ପ୍ରେସେସ୍** ଇତ୍ୟାଦିର ଚାଳନା କୌଶଳ ଶିକ୍ଷାଦେବା ଏହି ପାଠ୍ୟକ୍ରମର ଉଦ୍ଦେଶ୍ୟ । ଏହି ପାଠ୍ୟକ୍ରମ ତାଲିମପ୍ରାପ୍ତ ଯୁବକ-ଯୁବତୀମାନେ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପମାନଙ୍କରେ ନିଯୁକ୍ତି ପାଇପାରିବେ । ଯେଉଁ ପିଲାମାନେ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇଥିବେ ଓ ଉଚ୍ଚଶିକ୍ଷାଲାଭରୁ ବଞ୍ଚିତ ହୋଇଥିବେ, ସେହି ପିଲାମାନେ ଏହି ପାଠ୍ୟକ୍ରମରେ ନାମ ଲେଖାଇ ପାରିବେ ।

**ବୟସ** : ପ୍ରାର୍ଥୀଙ୍କର ବୟସ ୦୧.୦୯.୨୦୧୧ ମସିହା ସୁଦ୍ଧା ୧୫ ବର୍ଷରୁ କମ ହୋଇନଥିବ କିମ୍ବା ୧୮ ବର୍ଷରୁ ଅଧିକ ହୋଇନଥିବ । (ତଫସିଲଭୁକ୍ତ ଜାତି ଓ ଉପଜାତି ପାଇଁ ଏହି ବୟସସୀମା ୨୦ ବର୍ଷ)

**ପାଠ୍ୟକ୍ରମ ଶୁଳ୍କ** : ଟ.୧୫୦୦୦/-

**ପ୍ରାର୍ଥୀ ମନୋନୟନ** : ଦଶମ ଶ୍ରେଣୀ ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀମାନଙ୍କର ଏକ ମେଧା ତାଲିକା ପ୍ରସ୍ତୁତ କରାଯାଇ ସେମାନଙ୍କ ମଧ୍ୟରୁ ପ୍ରଥମ ୪୦ ଜଣଙ୍କୁ ବୈଷୟିକ ନିପୁଣତା ପରୀକ୍ଷା **(Technical Aptitude Test)** ପାଇଁ **୨୦.୦୮.୨୦୧୧** ତାରିଖ ଦିନ **୧୦ ଘଟିକା** ଧାର୍ଯ୍ୟ କରାଯାଇଛି । ଶେଷ ପାରୀକ୍ଷାରେ ରଖିଥିବା ଗଣିତ ନମ୍ବରକୁ ଭିତ୍ତିକରି ମେଧା ତାଲିକା ପ୍ରସ୍ତୁତ କରାଯିବ । ଏଥିରେ ସର୍ବମୋଟ ସ୍ଥାନସଂଖ୍ୟା ୨୦ (ତଫସିଲ ଜାତି-୩, ତଫସିଲ ଉପଜାତି-୨, ସାଧାରଣ ପ୍ରାର୍ଥୀ-୧୫) ।

**କିପରି ଆବେଦନ କରିବେ** : ବିବରଣୀ ପୁସ୍ତିକା ସହ ଆବେଦନ ପତ୍ର ପ୍ରଶାସନିକ କାର୍ଯ୍ୟାଳୟରେ ମାଗଣାରେ ମିଳିପାରିବ ।

ମାସକୁ ୮୦୦.୦୦ ଟଙ୍କା ଦେୟ ଉପରେ ବହୁ କକ୍ଷ ବିଶିଷ୍ଟ ଆବାସିକ ବ୍ୟବସ୍ଥା ଉପଲବ୍ଧ ।

ଭାରତ ସରକାରଙ୍କ ସଂରକ୍ଷିତ ନିୟମ ଅନୁଯାୟୀ, ନାମ ଲେଖାଉଥିବା ତଫସିଲ୍‌ଭୁକ୍ତ ଜାତି ଏବଂ ଉପଜାତି ପ୍ରାର୍ଥୀମାନଙ୍କ ପାଇଁ କୌଣସି ପାଠ୍ୟକ୍ରମ ଶୁଳ୍କ ଲାଗୁହେବ ନାହିଁ । ଏଥିପାଇଁ ସେମାନେ ଗେଜେଟେଡ୍ ଅଫିସରଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଆଟେଷ୍ଟେଡ୍ ହୋଇଥିବା ଜାତିଗତ ପ୍ରମାଣପତ୍ରର ୨ ଟି ନକଲ ପ୍ରଦାନ କରିବେ । ଅନ୍ୟ ପକ୍ଷରେ ନାମଲେଖା ବେଳେ ପ୍ରଦାନ କରିଥିବା ଅମାନତ ଅର୍ଥକୁ ସର୍ବନିମ୍ନ ୮୫% ଉପସ୍ଥାନ ସହ ସଫଳତାପୂର୍ବକ ତାଲିମ୍ ସମାପ୍ତ ପରେ ବିନା ସୁଧରେ ଏହାକୁ ଫେରସ୍ତ କରାଯିବ । ସଂପୃକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ମୂଳ ଜାତିଗତ ପ୍ରମାଣପତ୍ରକୁ ନାମଲେଖା ସମୟରେ ଯାଞ୍ଚପାଇଁ ପ୍ରାର୍ଥୀ ଉପସ୍ଥାପିତ କରିବେ, ଯାହାକୁ ପ୍ରଦାନକାରୀ କର୍ତ୍ତୃପକ୍ଷଙ୍କ ଦ୍ୱାରା ପୁନଃ ଯାଞ୍ଚ କରାଯାଇପାରେ ।

**ପାଞ୍ଚଜଣ ମନୋନୀତ ବିପିଏଲ୍ ପ୍ରାର୍ଥୀଙ୍କୁ ସିଟିଟିସି ଷ୍ଟୁଡେଣ୍ଟସ୍ ୱେଲଫେୟାର ଫଣ୍ଡ ତରଫରୁ ରହିବା, ଖାଇବା ଏବଂ ପାଠ୍ୟକ୍ରମ ଶୁଳ୍କ ଯୋଗାଇ ଦିଆଯିବ ।**

**ଆବେଦନ ପତ୍ର ବିକ୍ରି ଓ ଗ୍ରହଣର ଶେଷ ତାରିଖ ୧୩.୦୮.୨୦୧୧**

**ଅଧିକ ବିବରଣୀ ପାଇଁ ପ୍ରବନ୍ଧକ (ତାଲିମ୍)ଙ୍କ ସହ ଯୋଗାଯୋଗ କରନ୍ତୁ । (୯୪୩୮୫୦୪୦୩୮)**


सूक्ष्म लघु एवं मध्यम उद्यम
MICRO, SMALL & MEDIUM ENTERPRISES
MSME-TOOL ROOM, BHUBANESWAR

## CENTRAL TOOL ROOM & TRAINING CENTRE

(Ministry of Micro, Small & Medium Enterprises , Govt. of India)
B-36, Chandaka Industrial Area, Bhubaneswar - 751024,
Ph. No.- (0674) 3011733, 3011734, Fax: (0674) 3011750
E-mail : cttc@satyam.net.in, Web Site: www.cttc.gov.in

CTTC BHUBANESWAR
ISO-9001
ISO-14001
OHSAS 18001